
ପାଠ-୭

# ମାଟିର ମଣିଷ

**STUDY NOTES**

## MIND MAP



## କବିତାର ପୃଷ୍ଠଭୂମି

କବିଙ୍କ ଦୃଷ୍ଟିରେ ମାଟି ହେଉଛି କଲ୍ୟାଣୀ, ବନ୍ଦନୀୟା, ସ୍ନେହମୟୀ ଓ ମମତାମୟୀ ଜନନୀ । ଗ୍ରାମ୍ୟଜୀବନ ପ୍ରତି ବିଶେଷତଃ ମାଟି ପ୍ରତି ଗଭୀର ମମତ୍ୱବୋଧ କବି ଗଡ଼ନାୟକଙ୍କ ଦୃଷ୍ଟିଭଙ୍ଗୀକୁ ତଥାକଥିତ ଆଧୁନିକତାର ସମସ୍ତ ସଂକ୍ରମଣଠାରୁ ଦୂରରେ ରଖିଛି । ଏକ ପୁରାତନ କୃଷିକାରୀ ସଭ୍ୟତାର ବିଲୟ ଓ ଯୁଦ୍ଧକାଳୀନ ସାମାଜିକ ବିପରିଣତିରେ କବିଙ୍କ ମନର ସମସ୍ତ ଅନ୍ତର୍ଦାହ ଆତ୍ମପ୍ରକାଶ କରିଛି ତାଙ୍କ 'ମାଟିର ମଣିଷ' କବିତାରେ । ଯନ୍ତ୍ର ସଭ୍ୟତାର ପ୍ରତିଘାତରେ ମଣିଷ ଜୀବନର କରୁଣ ଓ ବିବର୍ଣ୍ଣ ପରିଣତି ପ୍ରତି କବି ଅତ୍ୟନ୍ତ ସଚେତନ । ତେଣୁ ଏହା ବିରୁଦ୍ଧରେ ତାଙ୍କ ଚେତାବନୀ କବିତାଟିରେ ପ୍ରକଟିତ ହୋଇଛି । ଯନ୍ତ୍ରଜୀବନପିଷ୍ଟ ମଣିଷ ଜୀବନର ସମସ୍ତ ସୁଖ ଓ ସୌଭାଗ୍ୟ, ସ୍ୱପ୍ନ ଓ ମସ୍‌ଭାବନା ଯୁଗଯନ୍ତ୍ରଣାର ଦହନରେ ଯେ ବହୁଭାବେ ଦଗ୍ଧୀଭୂତ, ତାହା କବିଙ୍କ ସୂକ୍ଷ୍ମ ଦୃଷ୍ଟିବଳୟ ମଧ୍ୟରୁ ବାଦ୍ ଯାଇନାହିଁ । ସମ୍ପ୍ରତି ମଣିଷ ଆଧୁନିକ ଚାକଚକ୍ୟପୂର୍ଣ୍ଣ ଜୀବନ ପ୍ରତି ଆକର୍ଷିତ ହୋଇ ସହରୀ ସଭ୍ୟତାକୁ ପସନ୍ଦ କରୁଛି । ତେଣୁ ପଲ୍ଲୀ ପ୍ରତି ବିମୁଖତା ପ୍ରଦର୍ଶନ କରି ସହରମୁହାଁ ହୋଇଛି ମାଟିର ମଣିଷ । କଳକାରଖାନାରେ ଶ୍ରମିକ ଭାବେ ନିୟୋଜିତ ହୋଇ ସହଜଲବ୍ଧ ଆୟରେ ଜୀବନକୁ ଅଧିକ ଉପଭୋଗ କରିହେବ ବୋଲି ବିବେଚନା କରି ମଣିଷ ଗ୍ରାମଭୂମି ପରିତ୍ୟାଗ କରୁଛି । ତେଣୁ ପଲ୍ଲୀଭୂମି କ୍ରମେ ଶ୍ରୀହୀନ ହେବାରେ ଲାଗିଛି । ମଣିଷ ମନରୁ ଜନ୍ମଭୂମି ପ୍ରିତି ମମତ୍ୱବୋଧ କ୍ରମଶଃ ବିଲୋପ ହେବାରେ ଲାଗିଛି । ପାଠକ ପ୍ରାଣରେ ଯନ୍ତ୍ର ସଭ୍ୟତାର କୁପରିଣାମ ବିଷୟରେ ସଚେତନତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ପଲ୍ଲୀପ୍ରୀତି ଜାଗ୍ରତ କରିବା ଲକ୍ଷ୍ୟ ନେଇ କବିଙ୍କର ପ୍ରୟାସ ପ୍ରଣିଧାନଯୋଗ୍ୟ ।

## କବିତାର ସାରମର୍ମ

ଶିଳ୍ପ ସଭ୍ୟତାର କ୍ରମବର୍ଦ୍ଧନ, ଗ୍ରାମ୍ୟ ସଭ୍ୟତାର କ୍ରମବିଲୁପ୍ତିର ପ୍ରମୁଖ ଉପାଦାନ, ଏଥିରେ ସନ୍ଦେହ ନାହିଁ । ମଣିଷ ମନରେ ଜଡ଼ ବସ୍ତୁବାଦୀ ଚେତନାକୁ ପ୍ରୋତ୍ସାହନ ହେବାରେ ଯନ୍ତ୍ର ସଭ୍ୟତାର ପ୍ରଭାବ ଅନସ୍ୱୀକାର୍ଯ୍ୟ । ଶିଳ୍ପର ପ୍ରସାର ମାଟିର ମଣିଷକୁ ଯନ୍ତ୍ରମାନବ କରିଦେଇଛି । ଯନ୍ତ୍ର ସଭ୍ୟତାର କରାଳ ଗ୍ରାସରେ ପଲ୍ଲୀ ସଭ୍ୟତାର ସୁକୁମାର ରୂପଶ୍ରୀ ନିଜର ସତା ହରାଇଛି । ଯନ୍ତ୍‌ଦାନବର ମନଲୋଭା ଆକର୍ଷଣରେ ମାଟିର ମଣିଷ ପଥହରା ହୋଇ ନିଜ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲିଦେଇଛି । ଶିଳ୍ପାଚଳର ଚାକଚକ୍ୟପୂର୍ଣ୍ଣ ଜୀବନାଦର୍ଶକୁ ଆଦରି ନେଇଛି ମାଟିର ମଣିଷ । ସହଜଲବ୍ଧ ଅର୍ଥାଗମର ଉତ୍ସ ଭାବେ ବିଚାର କରି ଶିଳ୍ପାଚଳକୁ ପ୍ରଲମ୍ବିତ ହେବାରେ ଲାଗିଛି ମାଟି ମଣିଷର ଧାଡ଼ି । ସତେଯେପରି ଯନ୍ତ୍ରର ମନ୍ତ୍ରରେ ଅଭିମନ୍ତ୍ରିତ ଏ ମଣିଷ । କଳକାରଖାନାର ନଭଶ୍ଚୁମ୍ବୀ ଚିମିନିର ଧୂମପଟଳ ହାତଠାରି ସେଇ ମନ୍ତ୍ରମୁଗ୍ଧ ମଣିଷକୁ ଡାକୁଛି ତାର ମାୟାଜାଲ ଭିତରକୁ । ସମ୍ମୋହିତ ମୁଗ୍ଧ ମାନବ ସେହି ଯନ୍ତ୍ରଦାଦବର ସଶକ୍ତ ପଂଝା ଭିତରକୁ ନିଜକୁ ଠେଲିଦେଇଛି । ଲୁହର ଫୌଜ ଧରି ଉଭା ହୋଇଥିବା ସେହି ଯନ୍ତ୍ରରାକ୍ଷସର ସଦାକ୍ଷୁଧିତ ଅନ୍ତର ମଧ୍ୟରେ ନିଃଶେଷ ହେବା ପୂର୍ବରୁ ସେଥିରୁ ନିଷ୍କୃତି ଲଭିବାର ଉପାୟ ଚିନ୍ତା କରିବାକୁ କବି ପରାମର୍ଶ ଦେଇଛନ୍ତି । କାରଖାନାର ସଇରନ୍ ଶବ୍ଦକୁ ସେହି ଯନ୍ତଦାନବର

ମହାଭୟଙ୍କର ଭୈରବ ଚିତ୍କାର ଓ ଚିମିନିରୁ ନିର୍ଗତ ଘନକୃଷ୍ଣ ଧୂମପଟଳକୁ ରାକ୍ଷସର ନିଃଶ୍ୱାସ ବାୟୁ ସହ କବି ତୁଳନା କରିଛନ୍ତି । କବିଙ୍କ ଭାଷାରେ

"ମଥା ଟେକି ସେଇ ଯନ୍ତ୍ର ଯେ ସଦା ରୁଦ୍ର ଦାନବ ପରି
ଛିଡ଼ା ହୋଇଅଛି ଚାରିପାଶେ ତା'ର ଲୁହାର ଫଉଜ ଧରି ।
ଗର୍ଜି ଉଠୁଛି ଥରେ ଥରେ ପୁଣି ଭୀମ ଭୈରବ ରବେ
ନିଃଶ୍ୱାସ-ଧୂମ-ଉଚ୍ଛ୍ୱାସ ତା'ର ଛାଡ଼ଇ ମୌନ ନଭେ ।"

ଲେଲିହାନ ଜିହ୍ୱା ବିସ୍ତାର କରି ମାନବ ସମାଜକୁ ଗ୍ରାସ କରିବାକୁ ଯନ୍ତ୍ରରାକ୍ଷସର ପ୍ରଲୋଭନ କ୍ରତି ସଚେତନ ହେବାକୁ କବି ମାଟିର ମଣିଷକୁ ଆହ୍ୱାନ କରିଛନ୍ତି । ସେହି ଯନ୍ତ୍ର ରାକ୍ଷସର ଚିମିନିରୁ ସଦାଉତ୍ଥିତ ବିଷାକ୍ତ, ଧୂମପଟଳ ଓ ଉଦ୍‌ବୃତ ବର୍ଜ୍ୟବସ୍ତୁରେ ମାଟିରୁ ଆକାଶ ପର୍ଯ୍ୟନ୍ତ ସମଗ୍ର ପରିବେଶ ଯେ ଭୟଙ୍କର ଭାବେ ପ୍ରଦୂଷିତ ହେବାରେ ଲାଗିଛି, ଯାହା ମଣିଷକୁ ଦୁରାରୋଗ୍ୟ ରୋଗ, ବ୍ୟାଧିରେ ପୀଡ଼ିତ କରି ମାନବ ଜାତିକୁ ନିଃଶେଷ କରିବାପାଇଁ ଭୀମଭୈରବ ରୂପରେ ଉଭାହୋଇଛି, ସେ ବିଷୟକୁ ଥରେ ଚିନ୍ତା କରିବାପାଇଁ କବି ପରାମର୍ଶ ଦେଇଛନ୍ତି ।

ପଲ୍ଲୀର ଶାନ୍ତ-ଶୀତଳ, କାନ୍ତ-କୋମଳ, ଲଳିତ-ମଧୁର ଜୀବନାଲେଖ୍ୟ ମାବ ପାଇଁ ଯେ କେତେ ପ୍ରୀତିପଦ ତାହା ଉଲ୍ଲେଖ କରି ମନରେ ମାଟି ପ୍ରତି ମୋହ ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି କବି । ଜନ୍ମଭୂମି ମାଟି ମା' ପରି ଜୀବନଧାତ୍ରୀ । "ଜନନୀ, ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।"

ସୁଶୀତଳ ଜଳ ରୂପରେ ମାଟି ମା'ର ସ୍ତନ୍ୟପାନରେ ବ୍ୟକ୍ତିର ଶିଶୁପ୍ରଣ ହୁଏ ସଞ୍ଜିବିତ । ସ୍ନେହ, ମମତା ଓ କରୁଣା ଦାନରେ ପରିପାଳନ କରିଥାଏ ମାଟି ମା' । ପଲ୍ଲୀମାଟର ଫଳ, ପୁଷ୍ପ, ଶାକ, ତଣ୍ଡୁଳରେ ପରିପୁଷ୍ଟ ହୋଇଥାଏ ତା'ର ଶିଶୁପ୍ରାଣ । ଧତ୍ରୀ ପରି ଜଳ, ବାୟୁ, ଆଲୋକ ଦେଇ ଯତ୍ନରେ ପରିପାଳନ କରିଥାଏ ସେ । ପୁନଶ୍ଚ ଶିକ୍ଷୟିତ୍ରୀ ଭୂମିକାରେ ରୂପ, ରସ, ଗନ୍ଧ, ସ୍ପର୍ଶର ପ୍ରଥମ ପରିଚୟ ଦେଇ ଇନ୍ଦ୍ରିୟାଭୂତିର ଶିକ୍ଷା ସେ ହିଁ ଦେଇଥାଏ । ସେହି ମାଟି ମା'ର ମମତା-ପଖଳା ଆଦର ଓ ଅନାବିଳ ସ୍ନେହକୁ ଭୁଲିଯାଇ ବିମାତା ଯନ୍ତ୍ରଦାନବୀ କୋଳକୁ କେଉଁ ଭରସାରେ ସେ ଆଦରି ନେଇପାରିଲା ବୋଲି କବି ମଣିଷ ଜାତିକୁ ପ୍ରଶ୍ନ କରିଛନ୍ତି । ନିଜ ସନ୍ତାନକୁ ହରାଇ ମାଟି ଦୁଃଖରେ ଭାଙ୍ଗିପଡ଼ିଛି ବୋଲି କବି କହିଛନ୍ତି । ବିବର୍ଣ୍ଣକଳେବର ଓ ମଳିନ ମୁଖ ଧରି ଉଦାସ ପ୍ରାଣରେ ସେ ଚାହିଁ ରହିଛି ସନ୍ତାନର ଫେରିବା ବାଟକୁ । ପଥହରା ପଲ୍ଲୀବାସୀଙ୍କୁ ମାଟି ମା' କୋଳକୁ ଫେରି ଆସିବାପାଇଁ ବ୍ୟାକୁଳ ଭାବରେ କବି ଅନୁରୋଧ କରିଛନ୍ତି । ତାଙ୍କ ଭାଷାରେ

"ଏ ତୋହ ମାଆର ବକ୍ଷ-ଉଛୁଳା ଗଭୀର ସେନେହ ଭୁଲି
କେଉଁ ପରି ଆଜି ଭରସା କରିଛୁ ଯନ୍ତ୍ରଚିତାର ଚୁଲି ?
ଅନା ଅନା ଫେରି ଥରେ,
ଅନା ଅନା ତୋର ଦୃଷ୍ଟି ଫେରାଇ ମଳିନ ଏ ମାଟି ପରେ ।"